

# ସବୁଜ ସ୍ୱର୍ଣ୍ଣ
## Green Gold


କୃଷି ବିଜ୍ଞାନ କେନ୍ଦ୍ର, (ଓ.ୟୁ.ଏ.ଟି.) ନୟାଗଡ଼

KRISHI VIGYAN KENDRA, (O.U.A.T.), NAYAGARH



ଜୁଲାଇ - ସେପ୍ଟେମ୍ବର

ସମାଚାର ପତ୍ର-୨୦୨୨











## ଟ୍ରାକ୍ଟର ଚାଳିତ ଧାନବୁଣା ଯନ୍ତ୍ରର ସଫଳ କ୍ଷେତ୍ର ପରୀକ୍ଷଣ

ନୟାଗଡ଼ ଜିଲ୍ଲାରେ ପ୍ରାୟ ୯୦ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଏ । ସେଥିମଧ୍ୟରୁ ଶତକଡ଼ା ୬୦ ଭାଗ ଜମିରେ ଧାନ ରୁଆ ଏବଂ ଶତକଡ଼ା ୪୦ ଭାଗ ଜମିରେ ଧାନ ବୁଣା କାର୍ଯ୍ୟ କରାଯାଇଥାଏ । ଜିଲ୍ଲାର ଖଣ୍ଡପଡ଼ା ଏବଂ ଭାପୁର ବ୍ଲକ୍ ଅନ୍ତର୍ଗତ ବଡ଼ବାଣପୁର, ରତନପୁର, ସିଧାମଳା ଓ କରବର ଗ୍ରାମରେ ଦୁଇ ହେକ୍ଟର ଜମିରେ ୧୦ ଜଣ ପ୍ରମୁଖ ଚାଷୀଙ୍କୁ ନେଇ ଟ୍ରାକ୍ଟର ଚାଳିତ ମଞ୍ଜି ଓ ସାରବୁଣା ଯନ୍ତ୍ର ସାହାଯ୍ୟରେ ଧାଡ଼ିରେ ଧାନ ବୁଣା କାର୍ଯ୍ୟ କରାଯାଇଥିଲା । ଏହି ଯନ୍ତ୍ରଦ୍ୱାରା ଧାଡ଼ିକୁ ଧାଡ଼ି ଏବଂ ଗଛକୁ ଗଛ ବ୍ୟବଧାନ ୨୫X୧୬ ସେଣ୍ଟିମିଟର ରଖାଯାଇପାରେ । ଏହି ଯନ୍ତ୍ର ବ୍ୟବହାର କରିବାଦ୍ୱାରା ଘଣ୍ଟା ପ୍ରତି ଏକ ଏକର ଜମିରେ ମଞ୍ଜିବୁଣା କାର୍ଯ୍ୟ ହୋଇ ପାରୁଥିଲା ଏବଂ ମଞ୍ଜିର ପରିମାଣ ୧୦ ରୁ ୨୦ କେଜି ବ୍ୟବହାର କରାଯାଇ ଧାନବୁଣା କାର୍ଯ୍ୟ ହୋଇଥିଲା । ଏହି ଯନ୍ତ୍ର ବ୍ୟବହାର ଦ୍ୱାରା ମଞ୍ଜି ସଠିକ ଗଭୀରତାରେ ପଡ଼ିବା ସହ ୮୦ରୁ ୯୦% ଅଙ୍କୁରୋଦ୍ଗମ ହୋଇଥିଲା । ଏହି ଯନ୍ତ୍ରର ମୂଲ୍ୟ ଟ. ୬୭୦୦୦/- । ଏହାର କାର୍ଯ୍ୟକାରିତା ଦକ୍ଷତାକୁ ଉପଲବ୍ଧ କରି ଚାଷୀଭାଇମାନେ ଆପଣେଇବାପାଇଁ ଆଗ୍ରହ ପ୍ରକାଶ କରିବା ସହ ଭବିଷ୍ୟତରେ ଏହାକୁ ବ୍ୟବହାର କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଏହି ଯନ୍ତ୍ରର ପରୀକ୍ଷଣ ସମୟରେ ବ୍ଲକର କୃଷି ଅଧିକାରୀ ଏବଂ ତାଙ୍କର ସହଯୋଗୀ ମାନେ ଉପସ୍ଥିତ ରହିଥିଲେ ଏବଂ ଜିଲ୍ଲାର ଚାଷୀ ଭାଇମାନଙ୍କପାଇଁ ଏହା ଏକ ଉପଯୋଗୀ ଯନ୍ତ୍ର ବୋଲି ମତ ପ୍ରକାଶ କରିଥିଲେ ।



## କ୍ଷେତ୍ର ପରୀକ୍ଷଣ ଦ୍ୱାରା ମାଛର ଉକୁଣି ପୋକର ନିରାକରଣ

ଚଳିତ ଖରିଫ ଋତୁରେ ନୟାଗଡ଼ ଜିଲ୍ଲାର ୧୦ ଗୋଟି ସ୍ଥାନରେ ବିଭିନ୍ନ ବ୍ଲକରେ୧୦ ଜଣ ଋଷୀକୁ ନେଇ ମାଛର ଉକୁଣି ପ୍ରତିକାର ନିମନ୍ତେ ଏକ ସଫଳ କ୍ଷେତ୍ର ପରୀକ୍ଷଣ କରାଯାଇଅଛି ।



ବର୍ତ୍ତମାନ ନୟାଗଡ଼ ଜିଲ୍ଲାର ମାଛ ଚାଷୀମାନଙ୍କର ଏକ ମୁଖ୍ୟ ସମସ୍ୟା ହେଲା ମାଛମାନଙ୍କ ଦେହରେ ଲାଗୁଥିବା ଉକୁଣି ପୋକ । ଏହି ରୋଗର ଲକ୍ଷଣ  ମାଛ ଦେହରେ ଉକୁଣି ଲାଗଥିବା ଯୋଗୁଁ ସନ୍ଧ୍ୟା ବେଳା ପୋଖରୀ କୁଳରେ ଆସି ବାଡ଼େଇ ହୁଅନ୍ତି ଏବଂ  ମାଛ ଦେହରୁ ଉକୁଣି ରକ୍ତ ଶୋଷିବା ଦ୍ୱାରା ପରବର୍ତ୍ତି ସମୟରେ ମାଛ ମୃତ୍ୟୁ ବରଣ କରିଥାଆନ୍ତି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏହି ରୋଗର ନିରାକରଣ ପାଇଁ ଏକ  ସଫଳ କ୍ଷେତ୍ର ପରୀକ୍ଷର କରାଯାଇଅଛି ।

## ବିଭିନ୍ନ ଧାନ ଫସଲ କିସମର କ୍ଷେତ୍ର ପ୍ରଦର୍ଶନ

ବିଗତ ଦୁଇବର୍ଷ ଧରି ନୟାଗଡ଼ ଜିଲ୍ଲାର ଧାନଚାଷୀମାନେ ସହଳ ବନ୍ୟା ଓ ସହଳ ମରୁଡ଼ି ସମସ୍ୟାର ସାମ୍ନା କରିଆସୁଛନ୍ତି । ଏଥି ସହିତ ଖାଦ୍ୟର ପୁଷ୍ଟିହୀନତା, ପାରମ୍ପରିକ ବାସ୍ନାଧାନର  ବଢୁଥିବା ଚାହିଦା ଏବଂ ଅନ୍ୟାନ୍ୟ ଆଞ୍ଚଳିକ ସମସ୍ୟା ଓ ଭିତ୍ତିଭୂମିକୁ ଲକ୍ଷ୍ୟକରି ଚଳିତ ଖରିଫ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ର ଫାର୍ମ ପରିସରରେ ବାସ୍ନାଯୁକ୍ତ, ପୃଷ୍ଟିସାରଯୁକ୍ତ ତଥା ସହଳ ବନ୍ୟା ଜନିତ ଆପାତକାଳିନ ପରିସ୍ଥିତି ଅନୁପଯୋଗୀ ସହଳ କିସମ ସହିତ ୯ଟି ଧାନ ପ୍ରଣାଳୀର କ୍ଷେତ୍ର ପ୍ରଦର୍ଶନ କରାଯାଇଅଛି ।




## ବୈଜ୍ଞାନିକ ପଦ୍ଧତିରେ ହରଡ଼ ଫସଲର ଚାଷ (ଜାତୀୟ ଫସଲ ସୁରକ୍ଷା ମିଶନ)

ଜିଲ୍ଲାରେ ୧୦୦୦୦ ରୁ ଉର୍ଦ୍ଧ୍ୱ ଜମିରେ ଡ଼ାଲି ଜାତୀୟ ଫସଲ ଚାଷ ହେଉଥିଲେ ମଧ ଉନ୍ନତ କିସମର ବିହନ ଅଭାବ, ତ୍ରୁଟିପୂର୍ଣ୍ଣ ଚାଷ ପଦ୍ଧତି ଜଳ ସେଚନର ଅଭାବ ଏବଂ ରୋଗପୋକ ଦମନର ସଠିକ୍ ପରିଚାଳନା ଅଭାବ ହେତୁ ଚାଷିମାନେ ଆଶାମୂଳକ ଅମଳ ପାଇପରୁନାହାନ୍ତି । ଚଳିତ ବର୍ଷ  NFSM ଅନ୍ତର୍ଭୁକ୍ତ ହରଡ଼ ଫସଲର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ଗଣିଆ  ବ୍ଲକର କେନ୍ଦୁପଲ୍ଲି ଗ୍ରାମରେ ୧୦ ହେକ୍ଟର ଜମିରେ କରାଯାଇଅଛି । ଉକ୍ତ ପ୍ରଦର୍ଶନରେ ଅଧିକ ଅମଳକ୍ଷମ ବିହନ କିସମ ପି.ଆର.ଜି. -୧୭୬ର କ୍ଷେତ୍ରପ୍ରଦର୍ଶନ କରାଯାଇଅଛି । ଏହା ବ୍ୟତୀତ ବୈଜ୍ଞାନିକ ପଦ୍ଧତିରେ ରାଇଜୋବିୟମ ଜୀବାଣୁନାଶକ ବିହନ ବିଶୋଧନ (କେଜି ବିହନ ପ୍ରତି ୨୦ଗ୍ରାମ ରାଇଜାବିୟମ କଲଚର) ଧାଡ଼ିକୁଧାଡ଼ି (୬୦X୪୫ ସେ.ମି) ଆବଶ୍ୟକ ପରିମାଣରେ ସାର ପ୍ରୟୋଗ, ଘାସ ପରିଚାଳନା ଏବଂ ବିଭିନ୍ନ ପ୍ରକାରର ରୋଗ ପୋକର ଦମନ ତଥା ହରମୋନର ପ୍ରୟୋଗ ଆଦି ବିଷୟରେ ଚାଷୀମାନଙ୍କୁ ତାଲିମ ଦେବା ସହିତ ଚାଷି କ୍ଷେତ୍ରରେ ଏହି ସବୁ ବୈଜ୍ଞାନିକ ପଦ୍ଧତି ପ୍ରୟୋଗ କରାଯାଇଅଛି । ବର୍ତ୍ତମାନ ଏହି ଫସଲ ଫୁଲ ଧରିବା ଅବସ୍ଥାରେ ଅଛି । ପ୍ରାଥମିକ ସ୍ତରରେ ପ୍ରତି ଗଛରେ ୬୦ରୁ ୮୦ ଟି ଫଳ ଧରିବାର ଅନୁମାନ କରାଯାଉଅଛି ।




## ଜାତୀୟ ସ୍ତରୀୟ ପୋଷଣ ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

କୃଷି ବିଜ୍ଞାନ କେନ୍ଦ୍ର ଏବଂ ଇଫକୋର ସହଭାଗିତାରେ ପୋଷଣ ଅଭିଯାନ ଏବଂ ବୃକ୍ଷ ରୋପଣର କାର୍ଯ୍ୟକ୍ରମ କେନ୍ଦ୍ରର ପରିସରରେ ତା ୧୭.୦୯.୨୦୨୨ ରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଦେଶରୁ କୁପୋଷଣ ଦୁରୀକରଣ ତଥା ସୁଷମ ଖାଦ୍ୟର ଉପକାରିତା ପୃଷ୍ଟି ସାଧନ ନିମନ୍ତେ ପାକଶାଳା ବଗିଚାର ଆବଶ୍ୟକତା ଏବଂ ବିଭିନ୍ନ ପ୍ରକାର ଫସଲ ଯଥା କନ୍ଦମୁଳ, ଧାନ, ମକା ଆଦି ଫସଲର ଖାଦ୍ୟ ଉପାଦାନ ସମ୍ବନ୍ଧରେ ଚାଷି ଭାଇ ଓ ଭଉଣିମାନଙ୍କୁ କେନ୍ଦ୍ରରେ ଥିବା ବୈଜ୍ଞାନିକମାନେ ପୁଙ୍ଖାନୁପୁଙ୍ଖ ଭାବରେ ତଥ୍ୟ ପ୍ରଦାନ କରିଥିଲେ । ଉକ୍ତ ସଭାରେ ମୁଖ୍ୟ ଅତିଥିମାନେ ଉପସ୍ଥିତ ହୋଇ ପୋଷଣ ଅଭିଯାନର ମହତ୍ତ୍ୱ ଏବଂ ଗ୍ରାମାଞ୍ଚଳରେ ମହିଳା ଓ ଶିଶୁମାନଙ୍କର କୁପୋଷଣ ନିରାକାରଣ ପାଇଁ ଉଦ୍ଦିଷ୍ଟ ଥିବା ଜିଲ୍ଲାସ୍ତରୀୟ ଯୋଜନା ବିଷୟରେ ସୂଚନା ଦେଇଥିଲେ । ବୈଜ୍ଞାନିକ ପ୍ରଣାଳୀରେ



ପୃଷ୍ଟିସାଧନ ବଗିଚାର ନିର୍ମାଣର କୌଶଳ ଏବଂ ଫସଲ ଆବର୍ତ୍ତନ ବିଷୟରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ. ଅନିଲ କୁମାର ସ୍ୱାଇଁ ଅବଗତ କରାଇଥିଲେ । ଇଫକୋରୁ ଆସିଥିବ ପ୍ରତିନିଧିମାନେ ଚାଷିମାନଙ୍କୁ ଜୈବିକ ସାରର ଉପକାରିତା ଏବଂ ଫସଲ ତଥା ମୃତ୍ତିକାର ପ୍ରଭାବ ଉପରେ ଆଲୋଚନା କରିଥିଲେ । ପରିଶେଷରେ ଚାଷିମାନଙ୍କୁ ବଗିଚା ପାଇଁ ପନିପରିବାର ବିହନ ଏବଂ ଚାରା ବଣ୍ଟନ କରାଯାଇଥିଲା ।

## ପ୍ରାକୃତିକ କୃଷି ସମ୍ବନ୍ଧୀୟ ସଚେତନା କାର୍ଯ୍ୟକ୍ରମ

ସାମ୍ପ୍ରତିକ ପରିସ୍ଥିତିରେ ରାସାୟନିକ ସାର ଏବଂ କୀଟନାଶକ ଔଷଧ ଦ୍ୱାରା ମାଟିର ଜୈବିକ ଏବଂ ଭୌତିକ ଗୁଣ ଧୀରେ ଧୀରେ ହ୍ରାସ ହେବାରେ ଲାଗିଛି । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ଦ୍ୱାରା ପ୍ରାକୃତିକ ଚାଷୀ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଡ଼ିସେମ୍ବର ମାସ ୦୫ ତାରିଖରେ ବିଶ୍ୱ ମୃତ୍ତିକା ଦିବସରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ପାଳିତ ହୋଇଯାଇଅଛି । ଉକ୍ତ ଦିବସରେ ଜୈବିକ ଚାଷର ଉପକାରିତା ବିଷୟରେ ଚାଷିମାନଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିବା ସହିତ ଜୀବାମୃତ, ବିଜାମୃତ, ବ୍ରହ୍ମାସ୍ତ୍ର, ନିମାସ୍ତ୍ର ପ୍ରସ୍ତୁତି ଏବଂ ତାର ପ୍ରୟୋଗ ପ୍ରଣାଳୀ ବିଷୟରେ ଅବଗତ କରାଯାଇଥିଲା । ଏହି ଅବସରରେ ବର୍ଯ୍ୟବସ୍ତୁ ବିଘଟକ ବଣ୍ଟନ କରାଯିବା ସହିତ କିଟ ପରିଚାଳନା ତଥା କମ୍ପୋଷ୍ଟ ପ୍ରସ୍ତୁତିରେ ଏହାର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ଭାପୁର, ଖଣ୍ଡପଡ଼ା, ରଣପୁର, ଓଡ଼ଗାଁ,ନୂଆଗାଁ ବ୍ଲକର କିଛି ଗ୍ରାମରେ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଫିସ ପରିସରରେ ପରିଚାଳନା କରାଯାଇଥିଲା ।



## ଧାନର ପିଣ୍ଡ ବିହନ ଉତ୍ପାଦାନ

ଚଳି ୨୦୨୨-୨୩ ଖରିଫ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ର ଫାର୍ମ ପରିସରରେ ୧ହେକ୍ଟର ପରିମୀତ କ୍ଷେତ୍ରରେ ଧାନ ଫସଲର ପିଣ୍ଡବିହନ ଉତ୍ପାଦନ କରାଯାଉଅଛି । ଏଥିରେ ଓ.ୟୁ.ଏ.ଟି ଦ୍ୱାରା ରିଲିଜ୍ ହୋଇଥିବା ଧାନର ମୃଣାଳୀନି କିସମକୁ ମୂଳ ବିହନ ଭାବେ ନିଆଯାଉଅଛି । ଏଥିରୁ ଉତ୍ପାଦିତ ହେବାକୁ ଥିବା ପିଣ୍ଡ ବିହନକୁ ଓଡ଼ିଶା ବିହନ ଓ ଜୈବିକ ଉତ୍ପାଦ ପ୍ରାମାଣନ ସଂସ୍ଥା ଦ୍ୱାରା ପ୍ରମାଣିତ ହେବା ପରେ ଆବଶ୍ୟକ ଅନୁଯାୟୀ ଚାଷୀ ଓ ସରକାରୀ ସଂସ୍ଥାମାନଙ୍କୁ ଓ.ୟୁ.ଏ.ଟି ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ମୂଲ୍ୟରେ ବିକ୍ରୀ କରାଯିବାର ବ୍ୟବସ୍ଥା ହୋଇଛି । ଏଥିରେ ସମନ୍ୱୀତ ଖାଦ୍ୟସାର ପରିଚାଳନା, ସମନ୍ୱୀତ ରୋଗପୋକ ପରିଚାଳନା, ସମନ୍ୱୀତ ଘାସପରିଚାଳନା ତଥା ଧାଡ଼ି ରୁଆ ଇତ୍ୟାଦି କୃଷି ବୈଷୟିକ ଜ୍ଞାନ କୌଶଳର କ୍ଷେତ୍ର ପ୍ରଦର୍ଶନ କରାଯାଇଛି ।




## ଖାଦ୍ୟ ନିରାପତ୍ତା ନିମନ୍ତେ ପାକଶାଳା ବଗିଚା




ଆମ ଦେଶରେ ୮୦ ଭାଗରୁ ଊର୍ଦ୍ଧ୍ୱ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କୃଷି ଉପରେ ନିର୍ଭରଶୀଳ । ଅର୍ଥାଭାବ କିମ୍ବା ଅଜ୍ଞତା ଯୋଗୁ ସମସ୍ତଙ୍କପକ୍ଷେ ସୁଷମ ଖାଦ୍ୟ ପାଇବା ସମ୍ଭବ ହୋଇନଥାଏ । ପ୍ରତ୍ୟେକ ବ୍ୟକ୍ତିର ଶାରିରୀକ, ମାନସିକ ଅଭିବୃଦ୍ଧି ପାଇଁ ସବୁ ସମୟରେ ସୁଷମ ଖାଦ୍ୟର ବ୍ୟବସ୍ଥାକୁ ଆମେ ଖାଦ୍ୟ ନିରାପତ୍ତା ବୋଲି କହିବା, ମହିଳାମାନେ ନିଜ ଘର ପଛପଟେ ପ୍ରାୟ ଗୋଟିଏ ଗୋଟିଏ ପାକଶାଳା ବଗିଚା କରିବାପାଇଁ କୃଷି ବିଜ୍ଞାନକେନ୍ଦ୍ର, ପାଣିପଇଲା ଦ୍ୱାରା ଏକ ପ୍ରୟାସ କରାଯାଇଥିଲା । ଏଥିରେ ଲକ୍ଷ୍ୟ ଥିଲାଯେ ନିଜ ଘର ପାଖରେ ଥିବା ଅଳ୍ପ ଯାଗା ଉପଯୋଗ କରି ବର୍ଷସାରା ପନିପରିବା ପାକଶାଳା ବଗିଚାରେ ଚାଷ କରାଯାଇପାରିବ । ପାକଶାଳା ବଗିଚା କରିବା ଦ୍ୱାରା ଆମକୁ ଅନେକ ଲାଭ ମିଳିଥାଏ । ଘରପାଇଁ ସବୁବେଳେ ସତେଜ ପନିପରିବା ମିଳିଥାଏ । ଯାହାଫଳରେ ପନିପରିବା କିଣିବା ପାଇଁ ବ୍ୟୟ ହେଉଥିବା ଅର୍ଥ ସଞ୍ଚୟ ହୋଇଥାଏ । ପରୋକ୍ଷରେ ଖାଦ୍ୟ ନିରାପତ୍ତା ହାସଲ ହୁଏ । ମହିଳାମାନଙ୍କର ଅବସର ସମୟ, ଘରର ଗାଧୁଆପାଣି ଓ ପରିପରିବା ଚୋପା ଏବଂ ଶାରିରୀକ ଶ୍ରମ ବିନିଯୋଗ ହୋଇଥାଏ । ପାକଶାଳା ବଗିଚାକୁ ଛୋଟ ଛୋଟ ପଟାଳିରେ ବିଭକ୍ତି କରି ପ୍ରତି ପଟାଳି ଅତି କମ୍‌ରେ ଦଶ ବର୍ଗଫୁଟ ହେବା ଉଚିତ୍ । ଦୁଇ ପାର୍ଶ୍ୱରେ ପଟାଳି କରି, ମଝିରେ ଏକ ମିଟର ଓସାର ର ଏକ ରାସ୍ତା ରହିବା ଉଚିତ୍ । ରାସ୍ତାକୁ ଲଗାଇ ପାଣିର ନାଳ କଲେ,

ପ୍ରତି ପଟାଳିକୁ ମଧ୍ୟ ପାଣି ମଡ଼େଇବା ପାଇଁ ସୁବିଧା ହୋଇଥାଏ । ବଗିଚାର ଚାରିପଟେ, ସଜନା ଗଛ, କଦଳୀ ଗଛ, ଲେମ୍ବୁଗଛ, ବିଭିନ୍ନ ଲତା ଜାତୀୟ ଗଛ ଯଥା କାକୁଡ଼ି, ଜହ୍ନି, କଲରା ଆଦି ଲଗାଯାଇଥାଏ । ପଟାଳି ମାନଙ୍କରେ ବର୍ଷାଦିନରେ ଭେଣ୍ଡି, ଜହ୍ନି, ଖଡ଼ା, କାକୁଡ଼ି, କଲରା, ଲାଉ, ଇତ୍ୟାଦି କରାଯାଇଥାଏ । ଶୀତ ଦିନରେ ଫୁଲକୋବି, ମୂଳା, ଶାଗ, ବିନ୍‌ସ, ଟମାଟୋ, ବରଗୁଡି, ଗୁଆଁର, ପାଳଙ୍ଗ, କୋଶଳା, ବ୍ରୋକଲି ଇତ୍ୟାଦି ଲଗାଯାଇଥାଏ । ସେହିପରି ଖରାଦିନରେ ଜହ୍ନି, ପୋଇ, କାକୁଡ଼ି, ଝୁଡୁଙ୍ଗ, ଶାଗ, ଭେଣ୍ଡି ଇତ୍ୟାଦି ବର୍ଷସାରା ଚାଷ କରାଯାଇ, ପନିପରିବାର ଆବଶ୍ୟକତାକୁ ପୂରଣ କରିବା ସହ ଖାଦ୍ୟ ନିରାପତ୍ତା ହାସଲ କରିବାରେ ପାକଶାଳା ବଗିଚା ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥାଏ । କୃଷିବିଜ୍ଞାନକେନ୍ଦ୍ର ଚାରୋଟି ପୋଷ୍ୟ ଗ୍ରାମରେ ସବୁପ୍ରକାର ମଞ୍ଜି, ଗଛ ଯୋଗାଇଦେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛି ।



## କୃଷିଜିବୀ ମହିଳା ଦିବସ

ମହିଳାମାନେ କୃଷିକ୍ଷେତ୍ରରେ ରହି ସଶକ୍ତ ଭାବରେ କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରୁଅଛନ୍ତି ଏବଂ ସେମାନଙ୍କ ଦ୍ୱାରା ବହୁ କାର୍ଯ୍ୟ ସମ୍ପାଦିତ ହୋଇପାରୁଛି ଏବଂ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ସେମାନେ ଅଦ୍ୱିତୀୟ ।



ଏହି ବାର୍ତ୍ତାକୁ ଉପସ୍ଥାପନା କରିଥିଲେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକା ଶ୍ରୀମତୀ ଗିତାଞ୍ଜଳୀ ସୁବୁଦ୍ଧି । ନୟାଗଡ଼ ଜିଲ୍ଲାର ନୟାଗଡ଼ ବ୍ଲକରେ ଥିବା ସରପଡ଼ା ଗ୍ରାମରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ମହିଳାମାନଙ୍କଠାରେ ଅସାଧାରଣ ପ୍ରତିଭା ଲୁଚିରହିଛି ଏବଂ ସେମାନେ ଆବଶ୍ୟକ ବେଳେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରି କୃଷି କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ଏହି ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା କୃଷି ଓ ଆନୁସଙ୍ଗିକ ଚାଷ ଯଥା ଫୁଲଚାଷ, ପନିପରିବାଚାଷ, ଛତୁଚାଷ, ମତ୍ସ୍ୟଚାଷ, କୁକୁଡ଼ା ପାଳନ, ଚାରା ଉତ୍ପାଦନ କରିବା ପାଇଁ କୃଷି ମହିଳାମାନେ ଆଗ୍ରହ ପ୍ରକାଶ କରିଥିଲେ । ଏହା ସେମାନଙ୍କର ସାମାଜିକ ମୂଲ୍ୟବୋଧକୁ ଦ୍ୱିଗୁଣିତ କରିବା ବୋଲି ସେମାନେ ହୃଦୟଙ୍ଗମ କରିଥିଲେ ।


**ପ୍ରକାଶକ**

ଡ଼ଃ ଅନିଲ୍ କୁମାର ସ୍ୱାଇଁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ବୈଷୟିକ ସହାୟତା**

ଗୀତାଞ୍ଜଳୀ ସୁବୁଦ୍ଧି, ଲତା ମଲ୍ଲିକ, ମଧୁମିତା ଜେନା, ସୁଚିସ୍ମିତା ଦ୍ୱିବେଦୀ, ସ୍ନିଗ୍ଧା ପଟ୍ଟନାୟକ, ଦେବାଶିଷ ନାୟକ, ରୋଜାଲିନ ପ୍ରହରାଜ




## ଯୋଗାଯୋଗ ଠିକଣା


**କୃଷି ବିଜ୍ଞାନ କେନ୍ଦ୍ର**

ଗ୍ରାମ - ପାଣିପଇଲା, ପୋଷ୍ଟ- ବାଲୁଗାଁ,
ଜିଲ୍ଲା -ନୟାଗଡ, ଫୋନ - 9439024040

kvknayagarh.ouat@gmail.com